# ଶ୍ରୀମନ୍ଦିରରେ ଓଡ଼ିଆ ଭାଗବତ ପାଠ ନୀତି

ନିମାଇଁ ଚରଣ ମିଶ୍ର

ଶ୍ରୀମନ୍ଦିରର ନୀତି ଓ ସେବାର ମାହାତ୍ମ୍ୟ ଖୁବ୍ ସ୍ୱତନ୍ତ୍ର ଓ ପ୍ରଶସ୍ତ । ଏହା ନୀଳାଦ୍ରି ମହୋଦୟ, ବାମଦେବ ସଂହିତା, ନୀଳାଦ୍ରି ଚନ୍ଦ୍ରିକା ଆଦି ଗ୍ରନ୍ଥରେ ବିଶେଷ ଭାବରେ ଉଲ୍ଲେଖ କରାଯାଇଅଛି । ଇଂ. ୧୮୦୫ ମସିହରେ ତତ୍କାଳୀନ ପୁରୀ କଲେକ୍ଟର ଜି. ଗ୍ରୋମ୍ ସାହେବ ଶ୍ରୀମନ୍ଦିରର ପ୍ରଚଳିତ ନୀତି ନିର୍ଘଣ୍ଟ ସମ୍ପର୍କରେ ଏକ ତାଲିକା ପ୍ରସ୍ତୁତ କରିଥିଲେ । ଇଂ. ୧୯୫୨ ମସିହାରେ ଶ୍ରୀମନ୍ଦିର ନୀତିକୁ ଆଧାର କରି ଏକ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରାଯାଇଥିଲା । ଇଂ. ୧୯୫୫ ମସିହାରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି (Sri Jagannath Temple Record of Rights)ର ପ୍ରବର୍ତ୍ତନ କରାଗଲା । ଇଂ. ୧୯୬୦ ମସିହାଠାରୁ ରାଜ୍ୟ ସରକାର ବିଧିବଦ୍ଧ ଭାବରେ ଶ୍ରୀମନ୍ଦିର ପରିଚାଳନା ଭାର ଓ ଦାୟିତ୍ୱ ଗ୍ରହଣ କଲେ । ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଅଧିକାରୀ ( Special Officer) ତା. ୩୦-୦୪-୧୯୬୫ ରିଖ ରେ ଶ୍ରୀମନ୍ଦିରର ଦୈନିକ ପଞ୍ଜିକା ପ୍ରଣୟନ କଲେ ।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ନୀତି ନିର୍ଘଣ୍ଟରେ ଓଡ଼ିଆ ଭାଗବତ ପାଠ ନୀତି ଏକ ମୁଖ୍ୟ ସେବା ରୂପେ ପ୍ରତିଷ୍ଠିତ । ଶ୍ରୀଜଗନ୍ନାଥଙ୍କ ତିନି ଧୂପ ଯଥା : ସକାଳ ଧୂପ, ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପ ସମୟରେ ଶ୍ରୀମନ୍ଦିରର ପୁରାଣ ପଣ୍ଡା ସେବକ ଏହି ସେବା କରନ୍ତି । ଶ୍ରୀମନ୍ଦିର ସ୍ୱତ୍ୱଲିପି ବର୍ଣ୍ଣିତ ୧୨୦ ପ୍ରକାରର ସେବା ଓ ସେବକମାନଙ୍କ ତାଲିକାରେ ପୁରାଣପଣ୍ଡା ସେବା ଓ ସେବକ ଅନ୍ତର୍ଭୁକ୍ତ ଅଟନ୍ତି ।

ପୁରାଣ ପଣ୍ଡା ସେବକ ପ୍ରତିଦିନ ତିନି ଧୂପ ସମୟରେ ଟେରା ପଡ଼ିବା ଠାରୁ ଟେରା ଫିଟିବା ପର୍ଯ୍ୟନ୍ତ ଅଣସର ପିଣ୍ଡି ଠାରେ କଳାହାଟ ଦ୍ୱାର ନିକଟ ଲଣ୍ଡାବର୍ତ୍ତ ଉପରେ ବଇଠା ରଖି ଓଡ଼ିଆ ଭାଗବତ ପାଠ କରନ୍ତି । ଭିତରଦ୍ୱାର ବା କଳାହାଟ

ଦ୍ୱାର ବନ୍ଦ ହେବାକୁ ଟେରା ପଡ଼ିବା କୁହାଯାଏ । ପ୍ରତିହାରୀ ସେବକ ଭୋଗବୁହା ସମୟରେ ଦ୍ୱାର ଜଗନ୍ତି ଓ ଟେରା ପକାନ୍ତି । ଏହି କାରଣରୁ ମହାପ୍ରସାଦ ମାହାତ୍ମ୍ୟରେ ଭାଗବତ ପାଠର ବିଶେଷ ଗୁରୁତ୍ୱ ରହିଛି ।

ଓଡ଼ିଆ ଭାଗବତ ଅତିବଡ଼ ସ୍ୱାମୀ ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଓ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ଏହାର ଆଧ୍ୟାତ୍ମିକ ଦିବ୍ୟ ଭକ୍ତି ରସ ସେବିତ ଅଟେ । ସଂପ୍ରତି ଶ୍ରୀବୈଷ୍ଣବ ଲୀଳାମୃତ ସର୍ବ ସମକ୍ଷରେ ପ୍ରକାଶିତ ହେବାରେ ନୀଳାଚଳରେ ବୈଷ୍ଣବୀୟ ଲୀଳାର ଅନେକ ଗୋପନୀୟ ତଥ୍ୟ ଓ ପ୍ରକୃତ ସ୍ୱରୂପ ମିଳିପାରିଛି । ଯଥା :-

| | | | |
|---|---|---|---|
| ବଟଗଣେଶ ମୂଳେ ବସେ | । | ଜଗନ୍ନାଥ ଦାସ ପ୍ରତକ୍ଷେ | ॥ ୪/୩୬ ॥ |
| ଭାଗବତ ଅର୍ଥ ବଖାଣେ | । | ଆସି ମିଳିଲେ ଚଇତନ୍ୟେ | ॥ ୪/୪୧ ॥ |
| ଭାଗବତ ଅର୍ଥ ଶୁଣିଲେ | । | ସ୍ୱାମୀର ଭାବ ସେ ବୁଝିଲେ | ॥ ୪/୪୨ ॥ |
| ଦୁହେଁ ଏକତ୍ର ଠାବେ ବସି | । | ପରସ୍ପରକୁ ପ୍ରଶଂସନ୍ତି | ॥ ୪/୪୮ ॥ |
| ସ୍ୱାମୀ ତୁ ବୋଇଲା ଚୈତନ୍ୟ | । | ପ୍ରଭୁ ତୁ ବୋଇଲା ଆପଣ | ॥ ୪/୪୯ ॥ |
| ଦିନେ ବସିଣ ଏକାନ୍ତରେ | । | ପ୍ରଭୁ ସ୍ୱାମୀକୁ ହିଁ ପଚ୍ଚରେ | ॥ ୫/୧୧୦ ॥ |
| ସିଦ୍ଧାଙ୍ଗ ବାର୍ତ୍ତା ମୋତେ କହ | । | ତୋ ତହୁଁ ଭିନ୍ନ ମାତ୍ର ଦେହ | ॥ ୫/୧୧୧ ॥ |
| ତୋହ ମୋହର ଏକ ପ୍ରାଣ | । | ଦେହଟି ମାତ୍ରକ ଯେ ଭିନ୍ନ | ॥ ୫/୧୨୦ ॥ |
| ଅତିବଡ଼ ଏ କଥା କହୁ | । | ଅତିବଡ଼ ହେଲୁ ଆଜହୁଁ | ॥ ୫/୧୨୧ ॥ |
| କାନ୍ଧରୁ ଉତ୍ତରୀ କାଢ଼ିଲା | । | ସ୍ୱାମୀ ମସ୍ତକେ ଭିଡ଼ିଦେଲା | ॥ ୫/୧୨୨ ॥ |
| ବୋଲେ ଏ ଅତି ବଡ଼ପଣ | । | ସ୍ୱାମୀ ତୁ ମୋହର ପରାଣ | ॥ ୫/୧୨୩ ॥ |
| ସ୍ୱାମୀ ସମ୍ପାଷେ ଅବଗତ | । | ସଭିଏଁ ହୋଇ ଆନନ୍ଦିତ | ॥୭/୧୧୨ ॥ |
| ପ୍ରଭୁ ଏ ବୋଲି ବିଘୋଷିଲେ | । | ରଥ ଯାତ୍ରାର ଲୋକ ମେଳେ | ॥ ୭/୧୧୩ ॥ |
| ସକଳେ ଶୁଣି ହେଲେ ତୋଷ | । | ଚୈତନ୍ୟ ପ୍ରଭୁ ଏ ବିଶେଷ | ॥ ୭/୧୧୪ ॥ |
| ପ୍ରଭୁର ଯେତେ ମହାଭାବ | । | କେ ତାହା ବର୍ଣ୍ଣିଣ ପାରିବ | ॥ ୭/୧୧୫ ॥ |
| ସ୍ୱାମୀ ଆଣଇ ଅନ୍ନ ଥାଳି | । | ଭୁଞ୍ଜାଏ ବଳହାର କରି | ॥ ୭/୧୩୭ ॥ |

ନ ଜାଣେ କେହୁ ତାର ଭାବ । ସ୍ୱାମୀ ଜାଣଇ ଏ ସ୍ୱଭାବ ॥ ୭/୧୪୨ ॥
ବୋଲଇ ପ୍ରଭୁ ସ୍ଥିର ହୁଅ । କୀର୍ତ୍ତନ ରସେ ମନ ଦିଅ ॥ ୭/୧୪୩ ॥
କୀର୍ତ୍ତନେ ତୋର ଭାବ ମୂର୍ତ୍ତି । ମନୁଷ୍ୟ ଛାର କି ବୁଝନ୍ତି ॥ ୭/୧୪୪ ॥
ପଞ୍ଚସଖାଙ୍କର କୀର୍ତ୍ତନ । ଅପୁତ୍ରିକକୁ ପୁତ୍ର ଦାନ ॥ ୮/୯୫ ॥
ହିଂସ୍ର ଜନ୍ତୁର କବଳରୁ । କୀର୍ତ୍ତନ ପ୍ରାଣୀକୁ ଉଦ୍ଧରୁ ॥ ୮/୯୬ ॥
ପ୍ରକୃତ ବାମ ହେଲେ କାହିଁ । ଲୋକ ଯେ ରାସଟି ଭିଆଇ ॥ ୮/୯୭ ॥
ସ୍ୱାମୀର ଭାଗବତ ପୋଥି । ଦେବତା ଭିଆଣେ ପୂଜନ୍ତି ॥ ୮/୯୮ ॥
ଶୁଣ ସୁଜନେ ମନଦେଇ । ପ୍ରଭୁ ଯେ ଅଟେ ପୁଣ୍ୟଦେହୀ ॥ ୯/୪୨ ॥
ପ୍ରଭୁର ଅଟେ ଶୁଦ୍ଧ ଦେହ । କାଳେ ଯେପରି ଗଲା କ୍ଷୟ ॥ ୯/୪୩ ॥
ଏକ ଦିନକେ ନୃତ୍ୟ କଲା । ଉଦ୍ଦାମ ଭାବ ନ ଛାଡ଼ିଲା ॥ ୯/୪୪ ॥
ପ୍ରଭୁ ଯେ ହତଜ୍ଞାନ ହୋଇ । ତଳେ ପଡ଼ିଛି ଚେତାନାହିଁ ॥ ୯/୫୧ ॥
ତୁ ସ୍ୱାମୀ ମୋହର ପରାଣ । ସୁଜ୍ଞାନ ପଣ୍ଡିତ ସୁଜାଣ ॥ ୯/୮୧ ॥
ଭକତି ବାଟ ବତାଇଲୁ । ସଖ୍ୟରେ ମୋତେ ବନ୍ଧାଇଲୁ ॥ ୯/୮୨ ॥
ବ୍ରାହ୍ମ ମୁହୂର୍ତ୍ତ ଆସି ହେଲା । ପ୍ରଭୁର ପିଣ୍ଡୁ ପ୍ରାଣଗଲା ॥ ୯/୯୦ ॥
ଏକା ସେ ଜଗନ୍ନାଥ ଦାସ । ମନ୍ଦିରେ ଅଛି ତାର ପାଶ ॥ ୯/୯୧ ॥
ଉଚ୍ଚ ସ୍ୱରରେ କାନ୍ଦୁ ଥାଇ । ଭୋ ପ୍ରଭୁ କେଣେ ଗଲୁ ତୁହି ॥ ୯/୯୨ ॥
ଗୁପ୍ତ ସମାଧୀ ସିନ୍ଧୁ ତଟେ । ବସିଲେ ଦାସ ଜଗନ୍ନାଥେ ॥ ୯/୧୬୫ ॥
ସାଗର ଲହଡ଼ି ଦେଖିବି । ଦ୍ୱାରକା ବାସ ମୁଁ ଲଭିବି ॥ ୯/୧୬୬ ॥
ଭୋଗ ଖପରରେ କୁଡୁଆ । ସଜାଇ ଗଢ଼ିଲେ କୁଡ଼ିଆ ॥ ୯/୧୬୭ ॥
ସ୍ୱାମୀର ବାସ ମଠହେଲା । ସାତ ଲହଡ଼ି ବୋଲାଇଲା ॥ ୯/୧୬୮ ॥

(ଶ୍ରୀବୈଷ୍ଣବ ଲୀଳାମୃତ - ସୂଚୀତ ଅଧ୍ୟାୟ / ପଦ)

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସହିତ ଅତିବଡ଼ ସ୍ୱାମୀ ଜଗନ୍ନାଥ ଦାସଙ୍କ ସମ୍ପର୍କ କେବଳ ଜୀବ ଦଶାରେ ସୀମିତ ନଥିଲା । ଶ୍ରୀଚୈତନ୍ୟଙ୍କ ତିରୋଧାନ ପରେ ତାଙ୍କର ସମାଧି ସ୍ଥଳରେ ଅତିବଡ଼ ସ୍ୱାମୀ ଜଗନ୍ନାଥ ଦାସ ସାତଲହଡ଼ି ମଠ ପ୍ରତିଷ୍ଠାକରି ଅନ୍ତିମ

ସମୟ ପର୍ଯ୍ୟନ୍ତ ନିବାସ କରିଥିଲେ । ସେଠାରେ ଜଗନ୍ନାଥ ଦାସ ଆପଣେ ନିଜକୁ ଦ୍ୱାରକା ଜଗନ୍ନାଥ ଦାସ ବୋଲି ଅଭିହିତ କରି ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦରେ ଶ୍ରୀମଦ୍ ଭାଗବତର ତ୍ରୟୋଦଶ ସ୍କନ୍ଧ ଓ ଗୁପ୍ତ ଭାଗବତ ରଚନା କରିଥିଲେ ।

ପୁରୁଷୋତ୍ତମ କ୍ଷେତ୍ର ଅତିରିକ୍ତ ଓଡ଼ିଶାର ଅନ୍ୟ ସମସ୍ତ ଜଗନ୍ନାଥ ମନ୍ଦିରରେ ସେହି ସମୟରୁ ପ୍ରତ୍ୟହ ଓଡ଼ିଆ ଭାଗବତ ପାଠ ଓ ପାରାୟଣ ହୋଇ ଆସୁ ଅଛି । ଅତଏବ ଶ୍ରୀଚୈତନ୍ୟଙ୍କ ଅନୁଗାମୀ ଓ କୃଷ୍ଣ ଭକ୍ତ ମାତ୍ରକେ ଓଡ଼ିଆ ଭାଗବତର ପୂଜନ ଓ ପଠନରେ ବ୍ରତୀ ହେବା ଉଚିତ୍ ।

ଉତ୍କଳୀୟ ବା ଗୌଡ଼ିୟ ପରମ୍ପରାରେ ହେଉ ଅଥବା ଆନ୍ତର୍ଜାତୀୟ କୃଷ୍ଣ ଭାବନାସଙ୍ଘ (ISKCON) ର ଭକ୍ତିବେଦାନ୍ତ ପରମ୍ପରାରେ ହେଉ, ବିଶ୍ୱର ସମସ୍ତ ଜଗନ୍ନାଥ ମନ୍ଦିରରେ ନିତ୍ୟ ଓଡ଼ିଆ ଭାଗବତ ପାଠର ନୀତିସ୍ୱରୂପେ ବ୍ୟବସ୍ଥା କରାଯିବା ଉଚିତ୍ ।

ଜୟ ଶ୍ରୀଜଗନ୍ନାଥ ମହାପ୍ରଭୁ ॥

॥ ହରି ଓଁ ତତ୍‌ସତ୍ ॥

ଗରଦପୁର, ଭଦ୍ରକ ଜିଲ୍ଲା,ଓଡ଼ିଶା
ଭାରତ -୭୫୬୧୮୧
E-mail:nimaicharan.mishra@gmail.com

odia.org